# NATIONAL NEWS BULLETIN (ODIA)

## 27 June - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତକୁ ବିଶ୍ୱର ତୃତୀୟ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ କରିବା ଲାଗି ଜାରି ରହିଛି ପ୍ରୟାସ ।
- ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ପାଟନାରୁ ଦୁଇ ଜଣଙ୍କୁ ଗିରଫ୍ କଲା ସି.ବି.ଆଇ. ।
- ଆପୋଷ ବୁଝାମଣା ମାଧ୍ୟମରେ ବିଭିନ୍ନ ପ୍ରକାର ଆଇନ୍‌ଗତ ସମସ୍ୟାକୁ ଦୂର କରାଯାଇ ପାରିବ କହିଲେ, କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ।
- ଜଙ୍ଗଲ ଜମି ଜବରଦଖଲକୁ ନିୟନ୍ତ୍ରଣ କରିବା ଲାଗି ଇସ୍ରୋ ଉପଗ୍ରହର ସେବା ବ୍ୟବହାର କରିବାକୁ ପରାମର୍ଶ ଦେଲେ କର୍ଣ୍ଣାଟକ ଜଙ୍ଗଲ ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଆଜି ରାତି ୮ଟାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ ।

## ପ୍ରେସିଡେଣ୍ଟ ଆଡ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଭାରତ ଏକାଦଶ ସ୍ଥାନରୁ ଊର୍ଦ୍ଧ୍ୱକୁ ଉଠି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ମାନ୍ୟତା ପାଇଛି । ସଂସଦର ମିଳିତ ଅଧିବେଶନକୁ ଆଜି ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ବୈଶ୍ୱିକ ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଅତିକ୍ରମ କରି ଭାରତ ଏହି ସଫଳତା ହାସଲ କରିଛି । ସେ କହିଛନ୍ତି ଭାରତକୁ ତୃତୀୟ ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି । ଜାମ୍ମୁ-କାଶ୍ମୀର ଅଞ୍ଚଳରେ ବିଗତ ବର୍ଷଗୁଡ଼ିକ ତୁଳନାରେ ଗତ ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟର ଅଂଶଗ୍ରହଣ କରି ଦେଶର ଶତ୍ରୁଙ୍କୁ କଡ଼ା ଜବାବ ଦେଇଛନ୍ତି ବୋଲି ସେ କହିଛନ୍ତି । ଗତ ୪ ଦଶନ୍ଧି ଧରି କାଶ୍ମୀରରେ ବିଶୃଙ୍ଖଳିତ ପରିସ୍ଥିତି ଯୋଗୁଁ ମତଦାନ କମ୍ ହେଉଥିଲା । ଏହାକୁ ଶତ୍ରୁପକ୍ଷ ଆନ୍ତର୍ଜାତୀୟ ମଞ୍ଚରେ କାଶ୍ମୀରର ମତ ଭାବେ ପ୍ରଚାର କରୁଥିଲେ; କିନ୍ତୁ

ଏଥର କାଶ୍ମୀରବାସୀ ଏଭଳି ଅପପ୍ରଚାରର କଡ଼ା ଜବାବ ଦେଇଛନ୍ତି ବୋଲି ସେ କହିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ସଂସଦର ଆଗାମୀ ଅଧିବେଶନରେ ସରକାର ଉପସ୍ଥାପନ କରିବାକୁ ଯାଉଥିବା ବଜେଟ୍ ଏକ ସୁଦୂର ପ୍ରସାରୀ ନୀତି, ପ୍ରଭାବଶାଳୀ ଏବଂ ଭବିଷ୍ୟତର ଦୃଷ୍ଟିକୋଣ ଓ ସଂସ୍କାରକୁ ତ୍ୱରାନ୍ୱିତ କରିବ । ପିଏମ୍ ଗ୍ରାମୀଣ ସଡ଼କ ଯୋଜନା ଅଧୀନରେ ୩ଲକ୍ଷ ୮୦ହଜାର କିଲୋମିଟର ଗ୍ରାମ୍ୟ ସଡ଼କ ନିର୍ମାଣ କରାଯାଇଛି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି ସେହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ସେହି ଅଞ୍ଚଳର ଉନ୍ନତିକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ଆଫସାକୁ ଉଚ୍ଛେଦ କରାଯାଉଛି ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି । ପ୍ରଶ୍ନପତ୍ର ଲିକ୍ ଘଟଣା ଉପରେ ମତଦେବାକୁ ଯାଇ ରାଷ୍ଟ୍ରପତି କହିଛନ୍ତି ଅନିୟମିତତାକୁ ରୋକିବା ଲାଗି ସରକାର ଆଇନ୍ ପ୍ରଣୟନ କରିଛନ୍ତି । ତେବେ ଏହି ଘଟଣାରେ ଜଡିତ ଦୋଷୀଙ୍କୁ କଠୋର ଦଣ୍ଡବିଧାନ କରାଯିବା ନେଇ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି ।

# ପାର୍ଲ୍ୟାମେଣ୍ଟ-ଆଡଜର୍ଣ୍ଣ

ଉଭୟ ସଦନର ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଏହାର ଏକ ନକଲ ଆଜି ଲୋକସଭାରେ ଉପସ୍ଥାପନ କରାଯାଇଛି । ଅପରାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହାକୁ ଉପସ୍ଥାପନ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଲୋକସଭାର ବିରୋଧୀଦଳ ନେତା ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଏହାପରେ ଗୃହକୁ ଆଜିପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

ରାଜ୍ୟସଭା ଅଧିବେଶନ ଆଜି ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବଗଠିତ କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟଙ୍କୁ ରାଜ୍ୟସଭାରେ ପରିଚିତ କରାଇଥିଲେ । ଅଧ୍ୟକ୍ଷ ଜଗଦୀପ ଧନଖଡ, କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଗୃହର ନେତାଭାବେ ନିଯୁକ୍ତ କରିଥିଲେ । ରାଜ୍ୟସଭାରେ ମଧ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣର ଏକ ନକଲ ଉପସ୍ଥାପନ କରାଯାଇଥିଲା । ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

## ନ୍ୟୁ ମେମ୍ବର - ଓଥ୍

ବିହାର, ଝାଡ଼ଖଣ୍ଡ ଏବଂ ମଧ୍ୟପ୍ରଦେଶର ୬ ଜଣ ନୂତନ ନିର୍ବାଚିତ ସାଂସଦ ଆଜି ରାଜ୍ୟସଭାର ସଦସ୍ୟ ଭାବେ ଶପଥଗ୍ରହଣ କରିଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଣ୍ଡ ସେମାନଙ୍କୁ ଶପଥପାଠ କରାଇଥିଲେ । କଂଗ୍ରେସର ଅଖିଳେଶ ପ୍ରସାଦ ସିଂହ, ଜେ.ଏମ୍.ଏମ୍.ର ଡାକ୍ତର ସରଫରାଜ ଅହମ୍ମଦ, ବିଜେପିର ପ୍ରଦୀପ କୁମାର ବର୍ମା, ବଂଶୀଲାଲ ଗୁଜ୍ଜର, ମାୟା ନରୋଲିୟା ଏବଂ ବାଲଯୋଗୀ ଉମେଶ ନାଥ ସେମାନଙ୍କ ମଧ୍ୟ ଅନ୍ତର୍ଭୁକ୍ତ ।

## ପିଏମ୍-ଜେଡିୟୁ

ବିହାର ଜେ.ଡି.ୟୁ. ସାଂସଦଙ୍କର ପ୍ରତିନିଧି ମଣ୍ଡଳୀ ସଂସଦ ଭବନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ବିଜେପି ଏବଂ ଜେ.ଡି.ୟୁ. ମିଳିତ ଭାବେ ଦୁର୍ନୀତି ଏବଂ ଅପରାଧିକ କାର୍ଯ୍ୟକଳାପ ବିରୁଦ୍ଧରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ବିହାର ବିକାଶପଥରେ ଆଗେଇ ଚାଲିଛି । ସୁ-ଶାସନ ପାଇଁ ଉଭୟ ଦଳ ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ସିବିଆଇ-ନିଟ୍

ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ. ଆଜି ଦୁଇଜଣଙ୍କୁ ଗିରଫ୍ କରିଛି । ସେମାନଙ୍କୁ ପାଟନାରୁ ଗିରଫ୍ କରାଯାଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ନେବା ପରେ ସି.ବି.ଆଇ. ବିହାର ପୁଲିସ୍‌ର ଅର୍ଥନୈତିକ ଅପରାଧ ୟୁନିଟ୍‌ର କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଛି ବୋଲି ସି.ବି.ଆଇ. ସୂତ୍ରରୁ ଜଣାପଡ଼ିଛି ।

# ଅର୍ଜୁନ ମେଘୱାଲ୍-ଏମ୍‌ଏସ୍‌ଏମ୍‌ଇ

ଆପୋଷ ବୁଝାମଣା ମାଧ୍ୟମରେ  ବିଭିନ୍ନ ପ୍ରକାର ଆଇନ୍‌ଗତ ସମସ୍ୟାକୁ ଦୂର କରାଯାଇ ପାରିବ ବୋଲି କେନ୍ଦ୍ର ଆଇନ୍ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି । ଅଣୁକ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ଉଦ୍ୟମୀ ଭାରତ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ମେଘୱାଲ ଏହା କହିଛନ୍ତି । ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ପରିବର୍ତ୍ତିତ ଆଇନ୍ ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଆଲୋଚନା କରି ସେ କହିଛନ୍ତି, ଭାରତର ଶିଳ୍ପ କ୍ଷେତ୍ର ଏକ ନୂତନ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । କୃତ୍ରିମ ବୁଦ୍ଧିମତା, ଥ୍ରୀ-ଡି

ପ୍ରିଣ୍ଟିଂ, ରୋବୋର୍ଟ୍ର ଉପଯୋଗୀତା ଆଦି  ଏ କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିଛି । ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

## ଜାମ୍ମୁ କାଶ୍ମୀର-ସମୀକ୍ଷା ବୈଠକ

ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପେହେଲଗାମ୍ ଠାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଅମରନାଥ ଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଯାତ୍ରୀଙ୍କର ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରା ପଥରେ ଅନ୍ୟାନ୍ୟ ସୁବିଧା ସୁଯୋଗର ସ୍ଥିତି ନେଇ ଶ୍ରୀ ସିହ୍ନା  ବିଭାଗୀୟ ଉଚ୍ଚପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ପେହେଲଗାମର ନୁନ୍ୱାନ୍ ମୂଳ କ୍ୟାମ୍ପ୍‌କୁ ପରିଦର୍ଶନ ଯାଇ ପରିସ୍ଥିତିର ସମୀକ୍ଷା କରିଥିଲେ ।

## କର୍ଣ୍ଣାଟକ-ଇସ୍ରୋ

କର୍ଣ୍ଣାଟକର ଜଙ୍ଗଲ ମନ୍ତ୍ରୀ ଈଶ୍ୱର ଖଣ୍ଡରେ ଜଙ୍ଗଲ ଜମି ଜବରଦଖଲକୁ ନିୟନ୍ତ୍ରଣ କରିବା ଲାଗି ଇସ୍ରୋର ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହର ସେବା ବ୍ୟବହାର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ବନବିଭାଗ ପକ୍ଷରୁ ବନିକରଣ ପ୍ରୟାସ

ଉପରେ ନଜର ରଖିବା ଏବଂ ବନାଗ୍ନୀକୁ ନିୟନ୍ତ୍ରଣ କରିବାରେ ଏହା ବିଶେଷ ସହାୟକ ହେବ । ବେଙ୍ଗାଲୁରୁ ଠାରେ ବରିଷ୍ଠ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଖଣ୍ଡରେ କହିଛନ୍ତି, ସାଟେଲାଇଟ୍ ମ୍ୟାପିଂ ସହାୟତାରେ ଜଙ୍ଗଲ ଅଞ୍ଚଳର ତଥ୍ୟ ଉପଗ୍ରହ ଦ୍ୱାରା ସଂଗ୍ରହ କରାଯାଇ ପାରୁଛି । ଇସ୍ରୋର ନ୍ୟାସନାଲ୍ ରିମୋଟ୍ ସେନ୍ସିଂ କେନ୍ଦ୍ର ବନାଗ୍ନୀ ଏବଂ ଜମୀର ପରିବର୍ତ୍ତନ ନେଇ ସଠିକ୍ ତଥ୍ୟ ପ୍ରଦାନ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ଖଣ୍ଡରେ କହିଛନ୍ତି ।

## କେନିଆ ପ୍ରୋଟେଷ୍ଟ

କେନିଆର ରାଷ୍ଟ୍ରପତି ୱିଲିୟମ ରୁଟୋ କହିଛନ୍ତି ପ୍ରସ୍ତାବିତ ଅର୍ଥ ବିଲ୍ ପ୍ରତ୍ୟାହାର କରାଯିବ । ସଂସଦରେ ପାରିତ ଏହି ବିଲ୍‌କୁ ନେଇ ଦେଶରେ ବ୍ୟାପକ ଆନ୍ଦୋଳନ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ରୁଟୋ ଏହି ବିଲ୍‌ରେ ଦସ୍ତଖତ କରିବାକୁ ମନା କରିଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହାକୁ ସଂଶୋଧନ ପାଇଁ ସଂସଦକୁ ଫେରାଇ ଦିଆଯାଇଛି ।  ଶ୍ରୀ ରୁଟୋ କହିଛନ୍ତି ଏହି ଅର୍ଥ ବିଲ୍‌କୁ ନେଇ ଗତ ସପ୍ତାହରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଆରମ୍ଭ ହୋଇଥିଲେ ମଧ୍ୟ ପରେ ଏହାକୁ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିଛି ।

ସେଠାକାର ସୁରକ୍ଷା ସଂସ୍ଥାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ୨୨ଜଣଙ୍କର ମୃତ୍ୟୁ ହୋଇଛି । ପ୍ରସ୍ତାବିତ ଅର୍ଥ ବିଲ୍‌ରେ ଟିକସ ବୃଦ୍ଧି ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଛି ।

## ଦୁବାଇ-ଆର୍ଟ୍ ସେଣ୍ଟର

ଦୁବାଇର ପୁରାତନ କଳା ଅନୁଷ୍ଠାନ ଦୁବାଇ ଆର୍ଟ୍ ସେଣ୍ଟର ଠାରେ ଭାରତୀୟ ଲୋକ ଏବଂ ଆଦିବାସୀ କଳାର ପ୍ରଦର୍ଶନୀ 'ହୁନର୍' ଆୟୋଜିତ ହୋଇଛି । ଏଥିରେ ଭାରତୀୟ ଜନଜାତି କଳାର ସମୃଦ୍ଧ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରାଯାଇଛି । ପ୍ରଦର୍ଶନୀରେ ଉତ୍ତରାଖଣ୍ଡର ଆଇପନ୍ କଳା, ବିହାରର ମଧୁବନୀ କଳା ଏବଂ ମହାରାଷ୍ଟ୍ରର ଓ୍ୱର୍ଲି କଳା ସମେତ ଭାରତର ବିଭିନ୍ନ ଅଞ୍ଚଳର କଳା ସ୍ଥାନିତ ହୋଇଛି । ଭାରତର ସମୃଦ୍ଧ କଳା ଏବଂ ସଂସ୍କୃତିର ଐତିହ୍ୟ ସହ ଦୁବାଇର କଳାପ୍ରେମୀଙ୍କୁ ପରିଚିତ କରିବା ଲକ୍ଷ୍ୟରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

## ମହାରାଷ୍ଟ୍ର ବିରୋଧୀ ବିକ୍ଷୋଭ

ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନର ଆଜି ପ୍ରଥମ ଦିନରେ ଋଣ ଛାଡ଼ ପ୍ରାକୃତିକ ବିପର୍ଯ୍ୟୟ ଏବଂ କ୍ଷତିଗ୍ରସ୍ତ କୃଷକଙ୍କ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଗୃହରେ ହଟ୍ଟଗୋଳ

କରାଯାଇଥିଲା । ବିରୋଧୀ ଦଳ ନେତା ବିଜୟ ୱାଡେଡିୱାର, କଂଗ୍ରେସର ପୃଥ୍ୱୀରାଜ ଚୌହାନ, ଭାଇ ଜଗତାପ, ରବୀନ୍ଦ୍ର ଧଙ୍ଗେକର, ଅନୀଲ ଦେଶମୁଖ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ନିନ୍ଦା କରିଥିଲେ ।

ସୂଚନା ଯୋଗ୍ୟ ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେସନ ଆଜିଠାରୁ ଆରମ୍ଭ ହୋଇଛି ।

## ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଆଜି ରାତି ୮ଟାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ଗୁଆନା ସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଦକ୍ଷିଣ ଆଫ୍ରିକା ଚଳିତ ବିଶ୍ୱକପ୍ ସିରିଜ୍‌ର ଫାଇନାଲ୍ ପର୍ଯ୍ୟାୟକୁ ପ୍ରଥମ ଦଳ ଭାବେ ଉନ୍ନିତ ହୋଇଛି । ଆଜିର ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି । ଆଫ୍‌ଗାନିସ୍ତାନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା । ୧୧ ଓଭର ୫ଟି ବଲ୍‌ରେ ଆଫ୍‌ଗାନିସ୍ତାନ ସମସ୍ତ ୱିକେଟ୍ ହରାଇ ୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୮ ଓଭର ୫ଟି ବଲ୍‌ରେ ଗୋଟିଏ ୱିକେଟ୍ ହରାଇ ୬୦ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା ।

ଆସନ୍ତା ଶନିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।